# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 8 December – 2025

---

# ବନ୍ଦେ ମାତରଂ ଡିସ୍କସନ

ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା କରିବେ । ୧୦ ଘଣ୍ଟା ବ୍ୟାପୀ ହେବାକୁ ଥିବା ଏହି ଆଲୋଚନାରେ ଭାରତୀୟ ଜନତା ଦଳକୁ ଲୋକସଭାରେ ୩ ଘଣ୍ଟା ସମୟ ଆବଣ୍ଟନ କରାଯାଇଛି । ରାଜ୍ୟସଭାରେ ଆସନ୍ତାକାଲି ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଆଲୋଚନା ଆରମ୍ଭ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଶକ୍ତି ନେତୃତ୍ୱ ସମ୍ମିଳନୀ

ପୁରୀଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ ଘୋଷଣାନାମାର ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି । ଦେଶର ଶକ୍ତି ପରିବର୍ତ୍ତନକୁ ସୁଦୃଢ କରିବା ପାଇଁ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ନବୀକରଣୀୟ ଶକ୍ତି ପାଇଲଟ୍ ପ୍ରକଳ୍ପ, ଗ୍ରୀନ ହାଇଡ୍ରୋଜେନ କେନ୍ଦ୍ର ପ୍ରତିଷ୍ଠା, ନବୀକରଣୀୟ ଶକ୍ତି ବିକାଶ ସହଭାଗିତା ଓ ସ୍ୱଚ୍ଛ ଶକ୍ତି ନିୟୋଜନ ଢାଞ୍ଚା ରହିଛି । ଗତକାଲି ଉଦ୍‌ଯାପନୀ ଦିବସରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗଦେଇ ଏହି ସମ୍ମିଳନୀରେ ହୋଇଥିବା ଆଲୋଚନା ଏକ ସ୍ୱଚ୍ଛ, ସ୍ଥିର ଏବଂ ନବସୃଜନ ଚାଳିତ ଭବିଷ୍ୟତ ଆଡକୁ ମାର୍ଗଦର୍ଶନ କରିବ ବୋଲି କହିଛନ୍ତି ।

**V/O**

# କୃଷି ଯନ୍ତ୍ରପାତି ମେଳା

ବରଗଡ ଜିଲ୍ଲାରେ ଚାଲିଥିବା କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିନରେ କୃଷି ବିଭାଗର ସମସ୍ତ ଯୋଜନା ଯୋଗ୍ୟ କୃଷକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚାଇବା ଲାଗି ଗୁରୁତ୍ୱପ୍ରଦାନ କରାଯାଇଛି । ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ୨୦୨୪-୨୫ବର୍ଷରେ ବକେୟା ରିହାତି ଚାଷୀମାନଙ୍କ ପାଖରେ ପହଞ୍ଚିଥିବା କହିଛନ୍ତି । ଏହି ଅବସରରେ ୬ଜଣ ସଫଳ କୃଷକଙ୍କୁ ସମ୍ମାନୀତ କରାଯାଇଥିବାବେଳେ ୫ଜଣ କୃଷକଙ୍କୁ ନୂତନ କୃଷି ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ କାର୍ଯ୍ୟାଦେଶ ଚିଠି ପ୍ରଦାନ କରାଯାଇଛି ।

# ଦାବିପତ୍ର

ନୂଆପଡା ଜିଲ୍ଲା କୃଷକ ଶକ୍ତି ସଂଗଠନ ପକ୍ଷରୁ ମଣ୍ଡି ସମସ୍ୟାରେ ସୁଧାର ଏବଂ ବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ ଲାଗି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନୂଆପଡା ସର୍କିଟ ହାଉସଠାରେ ସଂଗଠନର ଆବାହକ ଓ ସଦସ୍ୟମାନେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଧାନମଣ୍ଡିଗୁଡିକରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ଲାଗି ଅନୁରୋଧ କରିଥିଲେ ।

# ଜିଲ୍ଲା ମହୋତ୍ସବ

ଭଦ୍ରକ ସହର ନୂଆବଜାର ଗାନ୍ଧୀ ପଡିଆଠାରେ ଚତୁର୍ଦ୍ଦଶ ଜିଲ୍ଲା ମହୋତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସମସ୍ତ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେତେଜଣ ସଫଳ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରି ଶ୍ରୀ ସୂରଜ ସୁସ୍ଥ ସମାଜ ଗଠନ ପାଇଁ ସଚେତନତା ଜରୁରୀ ବୋଲି କହିଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ୧୦୯୮ ଟୋଲ ଫ୍ରି ନମ୍ବର ସମ୍ପର୍କରେ ଅବଗତ କରାଯାଇଛି । ଶିଶୁ ହେଲପ୍ ଲାଇନ ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଓ ପରାମର୍ଶଦାତା ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ବାଲ୍ୟବିବାହ ନ କରିବା ନେଇ ଶପଥ ପାଠ କରାଯାଇଥିଲା ।

# ଶିକ୍ଷା ଓ ତାଲିମ ଶିବିର

ନବରଙ୍ଗପୁର ଜିଲ୍ଲା ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ଆନୁକୂଲ୍ୟରେ ତିନିଦିନିଆ ଜିଲ୍ଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଏଥିରେ ରେଡକ୍ରସର ମାନବିକ ସେବା ଓ ସହଯୋଗ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ଶିବିରରେ ୧୨୦ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ କୃତି ପ୍ରତିଯୋଗୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଛି ।

# କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଖେଳାଯିବ । ଆଜି ଅପରାହ୍ନ ୧.୩୦ମିନିଟ୍‌ରୁ ଭାରତୀୟ ଦଳ ଓ ଦକ୍ଷିଣ ଆଫ୍ରିକା ଦଳ ଅପରାହ୍ନ ୫ଟା ୩୦ମିନିଟ୍‌ରୁ ଅଭ୍ୟାସ କରିବେ । ଗ୍ୟାଲେରୀ ନମ୍ବର ୫ ଓ ୬ରେ ଦର୍ଶକମାନେ ଖେଳାଳୀମାନଙ୍କ ଅଭ୍ୟାସ ଦେଖିପାରିବେ ।  ଇତିମଧ୍ୟରେ ମ୍ୟାଚ ସମୟରେ ୭ଟି ସ୍ଥାନରେ ଗାଡି ପାର୍କିଂ କରିବାନେଇ  କମିଶନରେଟ ପୋଲିସ ସ୍ଥିର କରିଛି । ସୁରକ୍ଷା ବ୍ୟବସ୍ଥା ନିମନ୍ତେ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀ ନିୟୋଜିତ ହେବେ ।

# ଶୀତଲହରୀ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ରାତିର ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସର୍ବନିମ୍ନ ତାପମାତ୍ରା ୪ଦଶମିକ ୪ଡିଗ୍ରୀ ସେଲସିୟସ ସହ ରାଜ୍ୟର ସବୁଠାରୁ ଥଣ୍ଡା ସହର ପାଲଟିଛି। ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ୩୯ଟି ସହରର ତାପମାତ୍ରା  ୧୫ ଡିଗ୍ରୀ ତଳକୁ ହ୍ରାସ ପାଇଛି । ଭୁବନେଶ୍ୱରରେ ତାପମାତ୍ରା ୧୧ଦଶମିକ ୯ଓ କଟକରେ ୧୧ଦଶମିକ ୮ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଖୋର୍ଦ୍ଧା, ଅନୁଗୁଳ, ଝାରସୁଗୁଡା ଏବଂ ଜଗସିଂହପୁରରେ ପ୍ରବଳ ଶୀତ ହେବା ନେଇ ସତର୍କତା ଜାରି କରାଯାଇଛି ।